# NATIONAL NEWS BULLETIN (ODIA)
## 27 March - 2025
## Morning Bulletin : 7.15 a.m.
**********************************

## ମୁଖ୍ୟ ସମ୍ବାଦ

- ସଂସଦର ଅନୁମୋଦନ ଲାଭ କଲା ବ୍ୟାଙ୍କିଙ୍ଗ୍ ଆଇନ ସଂଶୋଧନ ବିଧେୟକ-୨୦୨୪ ।
- ନୂଆଦିଲ୍ଲୀରେ ଆଜି ଆରମ୍ଭ ହେବ ବାଣିଜ୍ୟିକ କୋଇଲା ଖଣି ନିଲାମର ଦ୍ୱାଦଶ ପର୍ଯ୍ୟାୟ ।
- ଭାରତ-ଚୀନ୍ ମଧ୍ୟରେ ଥିବା ସମ୍ପର୍କକୁ ପୁନର୍ଗଠନ କରିବା ଦିଗରେ ଉଭୟ ଦେଶ ପ୍ରୟାସ ଜାରି ରଖିଛନ୍ତି, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ବିକଶିତ ଭାରତ ଗଠନ ଦିଗରେ ନବସୃଜନତାର ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କଲେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।

ଏବଂ

- ଆଇପିଏଲ୍‌ରେ ଗତକାଲିର ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ୮ ୱିକେଟ୍‌ରେ ପରାସ୍ତ କଲା ରାଜସ୍ଥାନ ରୟାଲ୍ସକୁ ।

– ଆଜି ସନ୍ଧ୍ୟାରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ହେବ ମୁକାବିଲା ।

# ଆର୍‌ଏସ୍-ବ୍ୟାଙ୍କିଙ୍ଗ୍ ଲ

ବ୍ୟାଙ୍କିଙ୍ଗ୍ ଆଇନ ସଂଶୋଧନ ବିଧେୟକ-୨୦୨୪ ସଂସଦର ଅନୁମୋଦନ ଲାଭ କରିଛି । ଗତକାଲି ଏହି ବିଧେୟକ ରାଜ୍ୟସଭାରେ ପାରିତ ହୋଇଛି । ପୂର୍ବରୁ ଏହା ଲୋକସଭାରେ ପାରିତ ହୋଇସାରିଛି । ଏହାଦ୍ୱାରା ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆଇନ-୧୯୩୪, ବ୍ୟାଙ୍କ୍ ନିୟାମକ ଆଇନ- ୧୯୪୯, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଆଇନ-୧୯୫୫ ଏବଂ ବ୍ୟାଙ୍କିଙ୍ଗ୍ କମ୍ପାନୀ (ଆକ୍ୱିଜିସନ ଓ ଟ୍ରାନ୍ସଫର) ଆଇନ-୧୯୭୦ ଓ ୧୯୮୦ ସଂଶୋଧିତ ହୋଇଛି ।

ଏଣିକି ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା ସମୟରେ ଜଣେ ନୋମିନିଙ୍କ ବଦଳରେ ୪ ଜଣଙ୍କର ନାମ ଦିଆଯାଇପାରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଏହି ବିଧେୟକରେ କରାଯାଇଛି ।

ରାଜ୍ୟସଭାରେ ଏ ସମ୍ପର୍କିତ ଆଲୋଚନାରେ ଭାଗ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ସାମଗ୍ରୀକ ବିକାଶ ଲାଗି ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଫଳରେ ରାଷ୍ଟ୍ରାୟତ ବ୍ୟାଙ୍କ୍ ଗୁଡ଼ିକ ଗତବର୍ଷ ସର୍ବୋଚ୍ଚ ରେକର୍ଡ ପରିମାଣର ୧ ଦଶମିକ୍ ୪/୧ ଲକ୍ଷ କୋଟି ଟଙ୍କା ଲାଭ କରିଛନ୍ତି । ସେହିଭଳି କେନ୍ଦ୍ର

ସରକାର ଆର୍ଥିକ ସମାବେଶିକୁ ଅଧିକ ସଶକ୍ତ କରିବା ସହିତ ଏହାକୁ ନାଗରିକ କୈନ୍ଦ୍ରିକ ଭାବେ କାର୍ଯ୍ୟକାରି କରି ଦେଶର ପ୍ରତ୍ୟେକଟି ନାଗରିକ ନିକଟରେ ଯେଭଳି ବ୍ୟାଙ୍କିଙ୍ଗ୍ ସେବା ଉପଲବ୍ଧ ହୋଇପାରିବ ସେ ଦିଗରେ ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଶ୍ରୀମତୀ ସୀତାରମଣ କହିନ୍ତି, ଏ ପର୍ଯ୍ୟନ୍ତ ୫୫ କୋଟିରୁ ଅଧିକ ଜନଧନ ଆକାଉଣ୍ଟ ଖୋଲାଯାଇଥିବା ବେଳେ  ସେଥିମଧ୍ୟରୁ ୫୫ ପ୍ରତିଶତରୁ ଅଧିକ ମହିଳା ହିତାଧିକାରୀ ଅଛନ୍ତି । ସେହିଭଳି  ବ୍ୟାଙ୍କ୍ ଗୁଡ଼ିକରେ ଅନାଦେୟ ଋଣ ପରିମାଣ ଉଲ୍ଲେଖନୀୟ ଭାବେ ହ୍ରାସ ଘଟିଛି । ଜାଣିଶୁଣି ଯେଉଁମାନେ ବ୍ୟାଙ୍କ୍ ଋଣ ପରିଶୋଧ କରୁନାହାନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ସେ କହିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି, ଏ ଦିଗରେ ସରକାରଙ୍କର ପଦକ୍ଷେପ ସ୍ୱରୂପ ଇତିମଧ୍ୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ୨୨ ହଜାର ୨୮୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ସମ୍ପତ୍ତି ବ୍ୟାଜାପ୍ତି କରାଯାଇଛି ।

ସେହିଭଳି ଗତ ୫ ବର୍ଷ ମଧ୍ୟରେ ଏହି ନିର୍ଦ୍ଦେଶାଳୟ ୯୧୨ଟି ବ୍ୟାଙ୍କ୍ ଜାଲିଆତି ଏବଂ ଠକାମି ମାମଲା ରୁଜୁ କରିଛି ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

## କୋଲ୍-ଅକ୍ସନ୍

କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀରେ ବାଣିଜ୍ୟିକ କୋଇଲା ଖଣି ନିଲାମର ଦ୍ୱାଦଶ ପର୍ଯ୍ୟାୟ ଆରମ୍ଭ ହେବ । ଭବିଷ୍ୟତର ବିକାଶ ଲାଗି ଆଜି ନିଲାମ ହେବାକୁ ଥିବା ଖଣିଗୁଡ଼ିକ ମଧ୍ୟରୁ ୧୩ଟି ଖଣି ସମ୍ପର୍କରେ ସମ୍ପୂର୍ଣ୍ଣ ରୂପେ ଅନୁସନ୍ଧାନ ସରିଥିବା ବେଳେ ୧୨ଟିର ଆଂଶିକ ଅନୁସନ୍ଧାନ କରାଯାଇଛି । ଏହି ନିଲାମ ଜରିଆରେ ଦେଶ ଓ ବିଦେଶର ନିବେଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହା ଭାରତର ଶିଳ୍ପ ବିକାଶ ଓ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ପାଇଁ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଏଲ୍‌ଏସ୍-ଫେକ୍ ନ୍ୟୁଜ୍

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସନ୍ଧାନ ୟୁନିଟ୍ ଗତ ୩ ବର୍ଷ ମଧ୍ୟରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ନକଲି ଖବର ଚିହ୍ନଟ କରିଛନ୍ତି । ଗତକାଲି ଲୋକସଭାରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏ ସମ୍ପର୍କରେ ୭୨ ହଜାରରୁ ଅଧିକ ଅନୁସନ୍ଧାନପତ୍ର ସେମାନଙ୍କର ହସ୍ତଗତ ହୋଇଛି । କେନ୍ଦ୍ର ସରକାରଙ୍କ ପତ୍ରସୂଚନା କାର୍ଯ୍ୟାଳୟ ଅଧୀନରେ ଥିବା ତଥ୍ୟ ଅନୁସନ୍ଧାନ ୟୁନିଟ୍ ଏହିସବୁ ତଥ୍ୟକୁ ଉପଯୁକ୍ତ ଯାଞ୍ଚ କରି ଠିକ୍ ତଥ୍ୟକୁ ସାମାଜିକ

ଗଣମାଧ୍ୟମରେ ପ୍ରକାଶ କରିଥାନ୍ତି । ସରକାରଙ୍କ ସମ୍ପର୍କିତ ବିଭିନ୍ନ ଭୁଲ୍ ତଥ୍ୟ ତଥା ନକଲି ଖବରର ପ୍ରସାରକୁ ରୋକିବା ଉଦ୍ଦେଶ୍ୟରେ ୨୦୧୯ ମସିହାରେ ଏହି ତଥ୍ୟ ଅନୁନ୍ଧାନ ୟୁନିଟ୍ ସ୍ଥାପନ କରାଯାଇଥିଲା । ଜନସାଧାରଣ ଏ ସମ୍ପର୍କିତ ସେମାନଙ୍କ ଅଭିଯୋଗ ଏବଂ ବିଭିନ୍ନ ସମ୍ବାଦର ତଥ୍ୟ ଅନୁସନ୍ଧାନ ସମ୍ପର୍କିତ ଅନୁରୋଧକୁ ହ୍ୱାଟସ୍ଆପ୍ ହଟ୍‌ଲାଇନ୍ **8799711259** କିମ୍ବା **PIB Fact check** ୟୁନିଟ୍‌ର ୱେବ୍‌ସାଇଟ୍‌ରେ ଦାଖଲ କରିପାରିବେ ।

## ଜୟଶଙ୍କର-ଇଣ୍ଡିଆ-ଚୀନ୍

ଭାରତ-ଚୀନ୍ ମଧ୍ୟରେ ଥିବା ସମ୍ପର୍କକୁ ପୁନର୍ଗଠନ କରିବା ଦିଗରେ ଉଭୟ ଦେଶ ପ୍ରୟାସ ଜାରି ରଖିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଏସିଆ ସୋସାଇଟିର ସଭାପତି ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡକ୍ଟର କ୍ୟୁଙ୍ଗ୍ ୱା କାଙ୍ଗ୍‌ଙ୍କ ସହିତ ଆଲୋଚନା ସମୟରେ ଭାରତ-ଚୀନ୍ ସମ୍ପର୍କ ଉପରେ ବକ୍ତବ୍ୟ ରଖି ସେ ଏହା କହିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଓ ଚୀନ୍ ଅନେକ ପ୍ରସଙ୍ଗରେ ପ୍ରତିଯୋଗିତା କରିଥାନ୍ତି, ମାତ୍ର ଏହା ଦୁଇ ଦେଶ ମଧ୍ୟରେ ସଂଘର୍ଷର ରୂପ ନେବା ଉଚିତ ନୁହେଁ । ସେହିଭଳି ଦୁଇ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ମତଭେଦ ଦେଖାଦେଇଥାଏ ମାତ୍ର ଏହା

ବିବାଦରେ ପରିଣତ ହେବା ଉଚିତ୍ ନୁହେଁ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ସେ କହିଛନ୍ତି, ଗତବର୍ଷ ଅକ୍ଟୋବର ମାସ ଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଅନେକ ଉନ୍ନତି ଆସିଛି । ଉଭୟ ଦେଶନିଜ ମଧ୍ୟରେ ସମ୍ପର୍କର ବିଭିନ୍ନ ଦିଗ ଉପରେ କାର୍ଯ୍ୟ କରୁଛନ୍ତି । ଆଗାମୀ ଦିନରେ ଏହି ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଭାରତ ସର୍ବଦା ପ୍ରତିବଦ୍ଧ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ପୀୟୂଷ ଗୋୟଲ

ବିକଶିତ ଭାରତ ଗଠନ ଦିଗରେ ନବସୃଜନତାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଜାତୀୟ ବୌଦ୍ଧିକ ସମ୍ପତ୍ତି ପୁରସ୍କାର ୨୦୨୪ ପ୍ରଦାନ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ କହିଛନ୍ତି,  ଗବେଷଣା, ବିକାଶ, ନବସୃଜନତା ଏବଂ ସେବା କ୍ଷେତ୍ର ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ ନ କଲେ ବିଶ୍ୱର କୌଣସି ଦେଶ ଏକ ବିକଶିତ ରାଷ୍ଟ୍ର ଭାବେ ନିଜକୁ ଗଢ଼ିତୋଳି ପାରିବ ନାହିଁ । ଏହି ଅବସରରେ ଶ୍ରୀ ଗୋୟଲ ଅଭିନବ ଜୈବ ବ୍ୟବସ୍ଥା ନିର୍ମାଣ କ୍ଷେତ୍ରରେ ଯୁବବର୍ଗଙ୍କର ଅଂଶଗ୍ରହଣକୁ ଅଧିକରୁ ଅଧିକ ହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗବେଷଣା ଓ ବିକାଶ ଦିଗରେ ଅଧିକ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ

କଲେ ବିଶ୍ୱସ୍ତରରେ ଭାରତ ଅଭିନବତା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରିବ ବୋଲି ଶ୍ରୀ ଗୋୟଲ କହିଛନ୍ତି ।

# ଡିଆରଡିଓ

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ଏବଂ ଭାରତୀୟ ନୌସେନା ମିଳିତ ଭାବେ ଗତକାଲି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭିଏଲ୍-ଏସ୍.ଆର୍.-ଏସ୍.ଏ.ଏମ୍. କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛନ୍ତି । ଓଡ଼ିଶା ଉପକୂଳ ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟିରୁ ଗତକାଲି ଭୂପୃଷ୍ଠରୁ ଆକାଶମାର୍ଗକୁ ଭର୍ଟିକାଲ୍ ବା ଭୂଲମ୍ବ ଭାବେ ଏହି କ୍ଷେପଣାସ୍ତ୍ରର ଉଡ଼ାଣ ପରୀକ୍ଷଣ କରାଯାଇଛି । ପରୀକ୍ଷଣ ସମୟରେ କ୍ଷେପଣାସ୍ତ୍ରଟି ସମ୍ପୂର୍ଣ୍ଣ ଭାବେ ଲକ୍ଷ୍ୟକୁ ଧ୍ୱଂସ କରିଦେଇଥିଲା ।

ଏହି ସଫଳତା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଡି.ଆର୍.ଡି.ଓ., ଭାରତୀୟ ନୌସେନା ଓ ଉଦ୍ୟୋଗ ଜଗତକୁ ଅଭିନନ୍ଦନ ଜଣାଇଛନ୍ତି । ଏହାଦ୍ୱାରା ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ହେବ ବୋଲି ସେ କହିଛନ୍ତି । ଏହି କ୍ଷେପଣାସ୍ତ୍ର ପ୍ରଣାଳୀକୁ ପ୍ରତିରକ୍ଷା ଗବେଷଣା ଓ ବିକାଶ କ୍ଷେତ୍ରରେ ଭାରତର ଦୃଢ଼ ପରିକଳ୍ପନା ଓ ବିକାଶ କ୍ଷମତାର ଉଜ୍ଜ୍ୱଳ ପ୍ରମାଣ ଭାବେ ପ୍ରତିରକ୍ଷା ମନ୍ତ୍ରୀ ଅବିହିତ କରିଛନ୍ତି । ସେହିଭଳି ଡି.ଆର୍.ଡି.ଓ.ର ଅଧ୍ୟକ୍ଷ ଡକ୍ଟର ସମୀର ଭି. କାମତ୍ କହିଛନ୍ତି,

ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଏହି କ୍ଷେପଣାସ୍ତ୍ର ଦେଶର ପ୍ରତିରକ୍ଷା ଶକ୍ତିକୁ ଅଧିକ ବୈଷୟିକ ପ୍ରୋତ୍ସାହନ ଦେବାରେ ସହାୟକ ହେବ ।

## ଜୟଶଙ୍କର-ୟୁଏସ୍ ଟ୍ରେଡ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ କାରବାରକୁ ଅଧିକ ସୁଦୃଢ଼ କରିବା ଦିଗରେ ଉଭୟ ଦେଶ ପ୍ରୟାସ ଜାରି ରଖିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଏସିଆ ସୋସାଇଟି ଦ୍ୱାରା ଅନୁଷ୍ଠିତ ଏକ ଭାବ ବିନିମୟ ଅଧିବେଶନରେ ଯୋଗଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାରକୁ ବୃଦ୍ଧି କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ଟ୍ରମ୍ପ୍ ପ୍ରଶାସନ ସହିତ ଭାରତ ପ୍ରତିରକ୍ଷା ସମ୍ପର୍କକୁ ଅଧିକ ସଶକ୍ତ କରିବାର ଆଶା ରଖିଛି ବୋଲି ସେ କହିଛନ୍ତି । ୨୦୨୩ ମସିହାରେ ଆମେରିକା ଭାରତର ସର୍ବବୃହତ ବାଣିଜ୍ୟ ଭାଗିଦାରୀ ଥିଲା । ସେହିବର୍ଷ ଦ୍ୱିପକ୍ଷିୟ ବାଣିଜ୍ୟ କାରବାର ୧୯୦ ବିଲିୟନ୍ ଡଲାର୍ ଛୁଇଁଥିଲା ବୋଲି ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି । ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ଯୁକ୍ତରାଷ୍ଟ୍ର ଆମେରିକା ଭାରତରେ ତୃତୀୟ ସର୍ବବୃହତ ବୈଦେଶିକ ପ୍ରତ୍ୟକ୍ଷ ନିବେଶକାରୀ ଭାବେ ୪ ଦଶମିକ୍ ୯/୯ ବିଲିୟନ୍

ଡଲାର୍ ପୁଞ୍ଜି ନିବେଶ କରିଥିଲା ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି ।

# ଆଇପିଏଲ୍

ଚଳିତ ଆଇପିଏଲ୍ ସଂସ୍କରଣର ଗତକାଲିର ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ରାଜସ୍ଥାନ ରୟାଲ୍ସ୍‌କୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଗୌହାଟୀଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ  କୋଲକାତା ନାଇଟ୍‌ରାଇର୍ଡସ୍ ଟସ୍ ଜିତି ବୋଲିଂ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବ୍ୟାଟିଂ ଆରମ୍ଭ କରି ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୫୧ରନ୍ କରିଥିଲା । ୧୫୨ରନ୍ ବିଜୟ ଲକ୍ଷ୍ୟର ପିଛା କରି କୋଲକାତା ନାଇଟ୍‌ରାଇଡର୍ସ୍ ୧୭ ଓଭର ଓ ୩ଟି ବଲ୍‌ରେ ୨ଟି ୱିକେଟ୍ ହରାଇ ୧୫୩ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କ୍ୱିଣ୍ଟନ୍ ଡି'କକ୍ ୬୧ଟି ବଲ୍ରୁ ୯୭ରନ୍ କରି ଅପରାଜିତ ରହିବା ସହ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଏହି ସଂସ୍କରଣରେ ଆଜି ହାଇଦ୍ରାବାଦ୍‌ଠାରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

# ସ୍କ୍ୱାସ୍-ଇଣ୍ଡିଆନ୍ ଓପନ୍

ଇଣ୍ଡିଆନ୍ ଓପନ୍ ସ୍କ୍ୱାସ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍ ପର୍ଯ୍ୟାୟରେ ଭାରତର ଆନାହାତ୍ ସିଂହ, ଜ୍ୟୋସ୍ନା ଚିନାପ୍ପା ଏବଂ ଅଭୟ ସିଂହ ପ୍ରବେଶ କରିଛନ୍ତି । ଗତକାଲି ମୁମ୍ବାଇ ଠାରେ ଅନୁଷ୍ଠିତ ମହିଳା କ୍ୱାର୍ଟର ଫାଇନାଲ୍ ବର୍ଗରେ  ଆନାହାତ୍ ଇଜିପ୍ଟର ନାଦିଏଁ ଇ ହାମ୍ମାମିଙ୍କୁ ଏବଂ ଜ୍ୟୋସ୍ନା ଚିନାପ୍ପା' ଆକାଂକ୍ଷା ସାଲୁଙ୍ଖେଙ୍କୁ ମଧ୍ୟ ୩-୨ରେ ପରାସ୍ତ କରିଛନ୍ତି । ଆଜି ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର ମହିଳା ବର୍ଗ ସେମିଫାଇନାଲ୍‌ରେ ଆନାହାତ୍ ସିଂହ ଓ ଜ୍ୟୋସ୍ନା ଚିନାପ୍ପାଙ୍କ ମଧ୍ୟରେ ମୁକାବିଲା ହେବ ।

ସେହିଭଳି ପୁରୁଷ ବର୍ଗରେ ଅଭୟ ସିଂହ ମାଲେସିଆର ଆମିଶିନ୍‌ରାଜ ଚନ୍ଦରନ୍‌ଙ୍କୁ ୩-୦ରେ ପରାସ୍ତ କରିଛନ୍ତି । ଆଜି ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ସେମିଫାଇନାଲ୍ ପର୍ଯ୍ୟାୟରେ ସେ ଇଜିପ୍ଟର କରିମ୍ ଇ ହାମ୍ମାମିଙ୍କ ବିପକ୍ଷରେ ଖେଳିବେ ।